# ଗାଁରେ 'ବ୍ୟାଙ୍କ ସଖୀ'ଙ୍କ ଆର୍ଥିକ ସେବା

ଭୁବନେଶ୍ୱର: ବିଶ୍ୱ ମହାମାରୀ କରୋନା ଲକ୍‌ଡାଉନ୍ ସମୟରେ ଦେଶର ଗ୍ରାମୀଣ ଲୋକମାନଙ୍କୁ ଆର୍ଥିକ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଅଗ୍ରଣୀ ଫିନ୍‌ଟେକ୍ କମ୍ପାନି ଏଫ୍‌ଆଇଏ ଗ୍ଲୋବାଲ ସହଯୋଗର ହାତ ବଢ଼ାଇଛି । ଏହା 'ବ୍ୟାଙ୍କ ସଖୀ ଓ ବ୍ୟାଙ୍କ ମିତ୍ର'ଙ୍କ ସହଯୋଗରେ ଗ୍ରାମୀଣ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଛି । ଏଫ୍‌ଆଇଏ ଗ୍ଲୋବାଲର ମୁଖ୍ୟ ବିକ୍ରି ଅଧିକାରୀ ଦୀପାୟନ ଚୌଧୁରୀ କହିଛନ୍ତି, ଯଦିଓ କରୋନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି, ଦୁର୍ଗମ ଇଲାକାର ଲୋକମାନେ ଅର୍ଥ ଉଠାଣ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏଫ୍‌ଆଇଏ ଗ୍ଲୋବାଲ ଦେଶବ୍ୟାପୀ ୩,୪୦୦ ବ୍ୟାଙ୍କ ସଖୀଙ୍କ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅର୍ଥ ଯୋଗାଉଛନ୍ତି । ଏଥିପାଇଁ ସେମାନେ ଲକ୍‌ଡାଉନ୍ ନିୟମକୁ ମଧ୍ୟ କଡ଼ାକଡ଼ି ଭାବେ ପାଳନ କରୁଥିବା ଜଣାପଡ଼ିଛି ।

